# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 2 August – 2026

**********************************

## ମୁଖ୍ୟ ସମ୍ବାଦ

- ନିଶା ଦ୍ରବ୍ୟଠାରୁ ଦୂରେଇ ରହି ସୁସ୍ଥ ଜୀବନଶୈଳୀ ଗ୍ରହଣ କରିବା ପାଇଁ ଯୁବବର୍ଗଙ୍କୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ

— ଦେଶକୁ ନିଶାମୁକ୍ତ କରିବା ପାଇଁ ଆଜିଠାରୁ ଆରମ୍ଭ ହେଲା ୧୦୦ ସପ୍ତାହ ବ୍ୟାପୀ ଜାତୀୟ ଜନଭାଗିଦାରୀ କାର୍ଯ୍ୟକ୍ରମ

- ରାଜ୍ୟର ୨୨ଟି ଜିଲ୍ଲା ବନ୍ୟାରେ ପ୍ରଭାବିତ;

— ବନ୍ୟା ପରିସ୍ଥିତିରେ ସୁଧାର ନେଇ ସରକାରଙ୍କ ସୂଚନା

- ଚଳିତବର୍ଷ ପ୍ରଥମ ୬ ମାସରେ ୫ ହଜାର ୪୧୩ ଜଣ ଶିଶୁଙ୍କୁ ସୁରକ୍ଷିତ ଉଦ୍ଧାର କରିଛି ପୁଲିସ୍

ଏବଂ

- ଝଡ ଓ ବଜ୍ରପାତ ସମ୍ଭାବନା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ୨୩ଟି ଜିଲ୍ଲାକୁ ସତର୍କ ସୂଚନା ଜାରି

**ମୁଖ୍ୟମନ୍ତ୍ରୀ**

ଯୁବବର୍ଗ ନିଶାଦ୍ରବ୍ୟଠାରୁ ଦୂରେଇ ରହି ସୁସ୍ଥ ଜୀବନଶୈଳୀ ଗ୍ରହଣ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହ୍ୱାନ ଦେଇଛନ୍ତି। ବିକଶିତ ଭାରତ ଗଠନ ନିମନ୍ତେ ଯୁବପିଢିଙ୍କୁ ଶାରୀରିକ ଭାବେ ସୁସ୍ଥ, ମାନସିକ ଭାବେ ଦୃଢ ଏବଂ ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ ହେବାର ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଆଭାସୀ ଜରିଆରେ ଆଜି ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀରେ 'ନିଶାମୁକ୍ତ ଯୁବ-ବିକଶିତ ଭାରତ ସଂକଳ୍ପ ଅଭିଯାନ'ର ଶୁଭାରମ୍ଭ କରି ଯୁବପିଢ଼ିଙ୍କୁ ନିଶାର କୁପ୍ରଭାବ ସମ୍ପର୍କରେ ସଚେତନ କରାଇବା  ନିମନ୍ତେ ଆଜିଠାରୁ ଦେଶରେ ଏକଶହ ସପ୍ତାହ ବ୍ୟାପୀ ଜାତୀୟ ଜନଭାଗିଦାରୀ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ବୋଲି ଶ୍ରୀ ମୋଦୀ କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ଅଭିଯାନ ଅନ୍ତର୍ଗତ ଦେଶରେ ପ୍ରତ୍ୟେକ ରବିବାର ସାପ୍ତାହିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। **- V/O -**

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ବିକଶିତ ଭାରତ ପାଇଁ 'ନିଶା ମୁକ୍ତ ଯୁବ' ଅଭିଯାନ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ସମୟରେ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କ୍ରୀଡା ଓ ଯୁବବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପସ୍ଥିତ ଥିଲେ।

ଏହି ଅବସରରେ ରାଜ୍ୟପାଳ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ 'ନିଶା ମୁକ୍ତ ଯୁବ-ବିକଶିତ ଭାରତ ସଂକଳ୍ପ ଅଭିଯାନ'ର ଶପଥପାଠ କରାଇଥିଲେ। ଶ୍ରୀ କମ୍ଭମପାଟି ନିଶାମୁକ୍ତ ସମାଜ ଗଠନ ପାଇଁ ରାଷ୍ଟ୍ର ନିର୍ମାଣର କର୍ଣ୍ଣଧାର ଛାତ୍ରଛାତ୍ରୀମାନଙ୍କୁ କ୍ରୀଡା, ଫିଟ୍‌ନେସ୍, ଯୋଗ, ସଂସ୍କାର ଓ ସମାଜ ସେବାକୁ ଗ୍ରହଣ କରିବାକୁ ଆହ୍ୱାନ ଦେଇଛନ୍ତି।

ଯୁବବର୍ଗଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଏହି ଅଭିଯାନ କୌଣସି ଗୋଟିଏ ଦିନର କାର୍ଯ୍ୟକ୍ରମ ନୁହେଁ; ବରଂ ଆଗାମୀ ୧୦୦ ସପ୍ତାହ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏକ ବ୍ୟାପକ ସାମାଜିକ ଜନଆନ୍ଦୋଳନ। ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରି କହିଛନ୍ତି। ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ ଯୁବଶକ୍ତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।  ନିଶାଦ୍ରବ୍ୟର ବେଆଇନ୍ କାରବାର ଓ ଏଥିରେ ସଂପୃକ୍ତ ସିଣ୍ଡିକେଟ୍‌ଗୁଡ଼ିକୁ ସଂପୂର୍ଣ୍ଣ ନଷ୍ଟ କରିବା ପାଇଁ ରାଜ୍ୟ ସରକାର ଶୂନ୍ୟ ସହନଶୀଳତା ନୀତି ଗ୍ରହଣ କରୁଛନ୍ତି ବୋଲି  ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O -**

## ନିଶା ମୁକ୍ତ ଯୁବ

**ନୂଆପଡା** ଜିଲ୍ଲା ଖଡିଆଳ ଡିଗ୍ରୀ ମହିଳା ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ମହିଳା ୟୁନିଟ୍ ପକ୍ଷରୁ  'ନିଶା ମୁକ୍ତ ଯୁବ'

ବିକଶିତ ଭାରତ ସଂକଳ୍ପ ଅଭିଯାନ' ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀମାନେ ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ସଂକଳ୍ପକୁ ସଫଳ କରିବା ନିମନ୍ତେ ଶପଥପାଠ କରିଛନ୍ତି।

Desk

## ବନ୍ୟା-୧

ରାଜ୍ୟରେ ବନ୍ୟା ପରିସ୍ଥିତିରେ ସୁଧାର ଆସୁଛି। ମହାନଦୀର ଜଳସ୍ତର ହ୍ରାସ ପାଉଥିବାବେଳେ ତଳିଆ ଅଂଚଳରେ ଜଳପ୍ରବାହ ହ୍ରାସ ପାଇଛି। ଉତ୍ତର ଓଡ଼ିଶା ସମେତ ବନ୍ୟା ପ୍ରଭାବିତ ଅଂଚଳଗୁଡ଼ିକରେ ବ୍ୟାପକ ଫସଲ କ୍ଷୟକ୍ଷତି ହେବା ସହ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ପୁନଃ ଥଇଥାନ ବ୍ୟବସ୍ଥା ଆରମ୍ଭ କରାଯାଇଛି। କେନ୍ଦ୍ର ସରକାର ସମସ୍ତ ସହାୟତା ଯୋଗାଇ ଦେବେ ବୋଲି ଆଶ୍ୱାସନା ଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସୂଚନା ଅନୁଯାୟୀ, ଚଳିତ ବନ୍ୟାରେ ଉତ୍ତର ଓଡ଼ିଶାରେ ବାସଗୃହ, ଭିତ୍ତିଭୂମି ଏବଂ ବ୍ୟାପକ ଫସଲ ନଷ୍ଟ ହୋଇଛି। ୮ ଲକ୍ଷରୁ ଅଧିକ ଲୋକ ବନ୍ୟା ପ୍ରଭାବିତ ହୋଇଛନ୍ତି। ବନ୍ୟା ପ୍ରଭାବିତ ଜିଲ୍ଲାଗୁଡ଼ିକରେ ଚାଷଜମିରେ ବାଲି ଚରିଯାଇଥିବା ଜଣାପଡିଛି। ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ତ୍ୱରାନ୍ୱିତ ଓ ନିରୀକ୍ଷଣ କରିବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୪ ଜଣ ବରିଷ୍ଠ ମନ୍ତ୍ରୀଙ୍କୁ ଦାୟିତ୍ୱ ଦେଇଛନ୍ତି।

ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କୁ କେନ୍ଦ୍ରାପଡା ଓ ଜଗତ୍‌ସିଂହପୁର ଜିଲ୍ଲା, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ବାଲେଶ୍ୱର-ଭଦ୍ରକ ଓ ଯାଜପୁର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ପୁରୀ ଏବଂ ପଂଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନମନ୍ତ୍ରୀ ରବି ନାରାୟଣ ନାୟକଙ୍କୁ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ତଦାରଖ ନିମନ୍ତେ ଦାୟିତ୍ୱ ଦିଆଯାଇଛି। ଅନ୍ୟ ମନ୍ତ୍ରୀମାନେ ପ୍ରଭାରୀ ଭାବେ ନିଜ ନିଜ ଜିଲ୍ଲା ଗସ୍ତ କରି ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ତଦାରଖ କରିବେ ବୋଲି ଜଣାପଡିଛି।

Desk

## ବନ୍ୟା-୨

ଚଳିତ ବନ୍ୟାରେ ରାଜ୍ୟର ୨୨ରୁ ଅଧିକ ଜିଲ୍ଲା ପ୍ରଭାବିତ ହୋଇଥିବା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ବାଲେଶ୍ୱର, ଭଦ୍ରକ ଏବଂ ଯାଜପୁର ଜିଲ୍ଲା ବନ୍ୟାରେ ଅଧିକ ପ୍ରଭାବିତ ହୋଇଛି। ସାମ୍ବାଦିକମାନଙ୍କୁ ସମ୍ବୋଧନ କରି ଶ୍ରୀ ପୂଜାରୀ କହିଛନ୍ତି, ପୁରୀ, ଜଗତ୍‌ସିଂହପୁର, ଖୋର୍ଦ୍ଧା ଓ କଟକର କିଛି ଅଂଚଳ ବନ୍ୟା ଯୋଗୁଁ ପ୍ରଭାବିତ ହୋଇଛି।

କ୍ଷୟକ୍ଷତି ଆକଳନ ପାଇଁ କୃଷି ଓ ରାଜସ୍ୱ ବିଭାଗ ଅଧିକାରୀମାନେ କାର୍ଯ୍ୟ ଆରମ୍ଭ କରିଛନ୍ତି। ଘର ଭାଙ୍ଗିବା ରିପୋର୍ଟ ମିଳିଥିବା ମନ୍ତ୍ରୀ ଶ୍ରୀ

ପୂଜାରୀ କହିଛନ୍ତି। ବନ୍ୟାରେ ପନପରିବା କ୍ଷୟକ୍ଷତି, ଅଙ୍ଗନୱାଡି ଓ ବିଦ୍ୟାଳୟଗୃହ କ୍ଷତି ଆକଳନ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଜଳସମ୍ପଦ ବିଭାଗକୁ ବନ୍ୟାରେ ବିଭିନ୍ନ ନଦୀରେ ସୃଷ୍ଟି ହୋଇଥିବା ଘାଇଗୁଡ଼ିକର ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

ବନ୍ୟା ପ୍ରଭାବିତ ଅଂଚଳଗୁଡ଼ିକରେ ବିଶୋଧନ କାର୍ଯ୍ୟକୁ ଗୁରୁତ୍ୱ ଦିଆଯାଇ ବିଭିନ୍ନ ବିଭାଗକୁ ତୁରନ୍ତ କାର୍ଯ୍ୟ ଆରମ୍ଭ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି।

ସମ୍ପୃକ୍ତ ଅଂଚଳଗୁଡ଼ିକରେ ଥିବା ଜଳଉତ୍ସକୁ ବିଶୋଧନ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରଭାବିତ ଅଂଚଳରେ ରାସ୍ତା ମରାମତି, ଓ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରିବା ପାଇଁ ପଦକ୍ଷେପ ନିଆଯାଉଥିବା ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

**- V/O –**

## ବନ୍ୟା–୩

ମହାନଦୀ କିମ୍ବା ଅନ୍ୟାନ୍ୟ ନଦୀରେ ବନ୍ୟା ଆଶଙ୍କା ନ ଥିବା ଜଳସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ କହିଛନ୍ତି। ରାଜ୍ୟରେ ବନ୍ୟା ପରିସ୍ଥିତିର ସମୀକ୍ଷା କରି ଶ୍ରୀ ରାଉତ କହିଛନ୍ତି, ଗତ ଜୁନ୍ ମାସରେ

ରାଜ୍ୟରେ ସ୍ୱାଭାବିକଠାରୁ ୪୭ ପ୍ରତିଶତ କମ୍ ବର୍ଷା ହୋଇଥିଲା। ଅନ୍ୟପକ୍ଷରେ, ଜୁଲାଇ ମାସରେ ସ୍ୱାଭାବିକଠାରୁ ୩୮ ପ୍ରତିଶତ ଅଧିକ ବର୍ଷା ହୋଇଛି। କେତେକ ସ୍ଥାନରେ ଲଗାଣ ବର୍ଷାରେ ୨୦୦ ମିଲିମିଟରରୁ ଅଧିକ ବର୍ଷା ହେବା ଫଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଶ୍ରୀ ରାଉତ କହିଛନ୍ତି।

**- V/O –**

## ବନ୍ୟା–୪

କେନ୍ଦ୍ରାପଡା ଜିଲ୍ଲାରେ ୯ଟି ବ୍ଲକ୍‌ର ୮୫ଟି ଗ୍ରାମପଂଚାୟତ ଅନ୍ତର୍ଗତ ୧୭୦ଟି ଗ୍ରାମ ଏବଂ ପଟାମୁଣ୍ଡାଇ ପୌରାଞ୍ଚଳର ୧୧ଟି ୱାର୍ଡ୍ ପ୍ରଭାବିତ ହୋଇଛି। ମୋଟ୍ ୮୮ ହଜାର ୭୯୩ ଜଣ ପ୍ରଭାବିତ ହୋଇଥିବା ସମୀକ୍ଷା ବୈଠକରୁ ଜଣାପଡିଛି। ୬ଟି ରିଲିଫ୍ କେନ୍ଦ୍ରରେ ଲୋକମାନଙ୍କୁ ମାଗଣା ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଥିବା ଜଣାପଡିଛି।

ବନ୍ୟା ପ୍ରଭାବିତ ଅଂଚଳରେ ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ସ୍ୱାସ୍ଥ୍ୟକର୍ମୀଙ୍କ ନିଷ୍ଠାପର କାର୍ଯ୍ୟକୁ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ପ୍ରଶଂସା କରିଛନ୍ତି। ବନ୍ୟା ସମୟରେ ଗର୍ଭବତୀ ମହିଳା, ଶିଶୁ ଓ ଅସହାୟମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା କ୍ଷେତ୍ରରେ ସ୍ୱାସ୍ଥ୍ୟକର୍ମୀଙ୍କ କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ମହାଲିଙ୍ଗ କହିଛନ୍ତି।

## ବନ୍ୟାସ୍ଥିତି ସମୀକ୍ଷା

**ଭଦ୍ରକ**ର ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଜିଲ୍ଲାର ବନ୍ୟାସ୍ଥିତି ସମୀକ୍ଷା କରିଛନ୍ତି। ପ୍ରଶାସନିକ ଅଧିକାରୀଙ୍କ ସହ ବୈଠକରେ ବନ୍ୟା ପ୍ରଭାବିତ ଅଂଚଳରେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟର ସମୀକ୍ଷା କରିବା ସହ ଲୋକମାନଙ୍କୁ ଖାଦ୍ୟ ଓ ପାନୀୟ ଜଳ ଯୋଗାଣ ଏବଂ ସ୍ୱାସ୍ଥ୍ୟସେବା ଉପରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି।

## ନିଖୋଜ ଶିଶୁ

ରାଜ୍ୟ ପୁଲିସ୍ ନିଖୋଜ ମହିଳା ଓ ଶିଶୁମାନଙ୍କୁ ସୁରକ୍ଷିତ ଉଦ୍ଧାର କରିବା କ୍ଷେତ୍ରରେ ସଫଳତା ହାସଲ କରିଛି। ସୂଚନା ଅନୁଯାୟୀ, ଚଳିତବର୍ଷ ପ୍ରଥମ ୬ ମାସରେ ୪ ହଜାର ୮୭୩ ଜଣ ନିଖୋଜ ଶିଶୁଙ୍କ ମଧ୍ୟରୁ ପୁଲିସ୍ ୫ ହଜାର ୪୧୩ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରିଛି। ପୁରୀ ଜିଲ୍ଲା ପୁଲିସ୍ ସର୍ବାଧିକ ୧ ହଜାର ୧୬୧ ଜଣ ଶିଶୁଙ୍କୁ ଉଦ୍ଧାର କରି ଶ୍ରେଷ୍ଠ ପ୍ରଦର୍ଶ କରିଛି। ସେହିପରି ଚଳିତବର୍ଷ ପ୍ରଥମ ୬ ମାସ ମଧ୍ୟରେ ୧୨ ହଜାର ୧୭୭ ଜଣ ନିଖୋଜ ମହିଳାଙ୍କ ମଧ୍ୟରୁ ୧୦ ହଜାର ୬୦୫ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିବା ଜଣାପଡିଛି।

## ହର ଘର ତ୍ରିରଙ୍ଗା

**ବୌଦ୍ଧ** ଜିଲ୍ଲାରେ ହରଘର ତ୍ରିରଙ୍ଗା' ଅଭିଯାନ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନରେ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ ଓ ଛକଗୁଡ଼ିକରେ ବିକାଶଯାତ୍ରା, ପ୍ରଦର୍ଶନୀ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ଲାଗି ନିଷ୍ପତ୍ତି ହୋଇଛି।

## ସଚେତନତା କାର୍ଯ୍ୟକ୍ରମ

**ଭଦ୍ରକ** ଜିଲ୍ଲା ପ୍ରଶାସନ ପକ୍ଷରୁ ଚାନ୍ଦବାଲି ବ୍ଲକ୍ ଦୋସିଙ୍ଗା ସଂଯୁକ୍ତ ଉଚ୍ଚବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆର୍ଥିକ ସାକ୍ଷରତା, ଆର୍ଥିକ ଅନ୍ତର୍ଭୁକ୍ତିକରଣ, ସାଇବର ଠକେଇ, ସୁକନ୍ୟା ଯୋଜନା ଓ ଆଧାର ପଞ୍ଜୀକରଣ ସମ୍ପର୍କରେ ପ୍ରଶାସନିକ ଅଧିକାରୀ ଓ ନିର୍ବାଚିତ ଜନପ୍ରତିନିଧିମାନେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ।

## ପାଣିପାଗ

ରାଜ୍ୟରେ ଝଡ଼, ବଜ୍ରପାତ ଓ ପବନ ସମ୍ଭାବନା ନେଇ ଆଗାମୀ ୨୪ ଘଣ୍ଟା ପାଇଁ ୨୩ଟି ଜିଲ୍ଲାରେ ସତର୍କତା ଜାରି କରାଯାଇଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନୁଯାୟୀ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ଢେଙ୍କାନାଳର ଅଳତୁମାଠାରେ ସର୍ବାଧିକ ୧୦୮ ଦଶମିକ ୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।